# ତହସିଲ କାର୍ଯ୍ୟାଳୟ , ଖୋର୍ଦ୍ଧା

ସୈରାତ କେ : ନଂ- ୨୨/୨୦୧୭ ପ୍ରସେସ ନଂ:- ୬୭୨ ୭୨।୨।୧୯

COURT OF THE TAHASILDAR KHORDHA

## ନିଲାମ ଇସ୍ତାହାର

## ଗୌଡପୁଟ ମୌଜାର କାଜୁ ଫଳ ନିଲାମ

ଏତଦ୍ୱାରା ସର୍ବସାଧାରଣଙ୍କ ଉଦ୍ଦେଶ୍ୟରେ ଜଣାଇ ଦିଆଯାଉଅଛି ଯେ, ଖୋର୍ଦ୍ଧା ତହସିଲର ନିମ୍ନଲିଖିତ **ସୈରାତ** ଉତ୍ସଟି ୨୦୧୮-୨୦୧୯ ରାଜସ୍ୱ ବର୍ଷପାଇଁ ତହସିଲ ଖୋର୍ଦ୍ଧାଠାରେ ଆସନ୍ତା ତା .**୧୫.୦୨.୨୦୧୯** ରିଖ ଦିବା ୧୧ ଘଣ୍ଟା ସମୟେ ଜଉମୁଦ ହୋଇ ଲଫାପା ଦ୍ୱାରା ଆସିଥିବା ଆବେଦନ ପତ୍ର ଗୁଡିକୁ ଚୟନ କରାଯାଇ ସର୍ବାଧିକ ଦର/ମୂଲ୍ୟ ଅର୍ପଣ ଥିବା ଦରଖାସ୍ତ କୁ ବିଚାରକୁ ନିଆଯାଇ ନିଲାମ ୧ (ଏକ) ବର୍ଷ ପାଇଁ ସ୍ଥିର କରାଯିବ । ଧାର୍ଯ୍ୟ ତାରିଖ ଓ ସମୟ ଗତେ କୌଣସି ଆପତି ଗ୍ରହଣୀୟ ନୁହେଁ ।

## ନିଲାମର ସର୍ତାବଳି

୧. ଆବେଦନକାରୀ ଆବେଦନ ସହିତ ଟ ୧୫,୦୦୦ (ପନ୍ଦର ହଜାର ) ଟଙ୍କାର ଅମାନତ ରାଶି ବ୍ୟାଙ୍କ ଡ୍ରାଫ୍ଟ ତହସିଲଦାର ଖୋର୍ଦ୍ଧାଙ୍କ ସପକ୍ଷରେ ପ୍ରସ୍ତୁତକରି ଦାଖଲ କରିବେ । (ଯାହା ସୈରାତର ସର୍ବ ନିମ୍ନ ମୂଲ୍ୟର ଏକ ଦଶମାଂସ ମୂଲ୍ୟ ଅଟେ) ।

୨. ଯେଉଁ ବ୍ୟକ୍ତି ଉପରେ ପୂର୍ବରୁ ଦେୟ ବାକି ଅଛି ଓ ପୁର୍ବରୁ ନେଇଥିବା ନିଲାମ/ଲିଜର ସର୍ତ ଖିଲାପ କରିଛନ୍ତି, ସେମାନେ ନିଲାମରେ ଭାଗ ନେଇ ପାରିବେ ନାହିଁ , ତତ୍ ସମ୍ବନ୍ଧରେ ସମ୍ପୃକ୍ତ ଆବେଦନକାରୀ ଏକ ସତ୍ୟପାଠ କାର୍ଯ୍ୟନିର୍ବାହୀ ମ୍ୟାଜିଷ୍ଟ୍ରେଟ୍ କିମ୍ବା ନୋଟାରୀଙ୍କ ଦ୍ୱାରା ରେଜେଷ୍ଟ୍ରି ଭୁକ୍ତ କରି ଦାଖଲ କରିବେ ।

୩. ଆବେଦନକାରୀଙ୍କ ମଧ୍ୟରୁ ସର୍ବୋଚ୍ଚ/ମୂଲ୍ୟ ଅର୍ପଣ କରିଥିବା ଦରଖାସ୍ତକୁ ସର୍ବୋଚ୍ଚ ନିଲାମଧାରୀ ଭାବରେ ଚୟନ କରାଯିବ।

୪. ନିଲାମ ସମୟେ ଅର୍ପଣ ହୋଇଥିବା ସର୍ବୋଚ୍ଚ ଦର/ମୂଲ୍ୟ କର୍ତୃପକ୍ଷ ଗ୍ରହଣ କରିବାକୁ ବାଧ ନୁହନ୍ତି ।

୫. କୌଣସି କାରଣ ନ ଦର୍ଶାଇ କର୍ତୃପକ୍ଷ ଧାର୍ଯ୍ୟ ଦିବସରେ ନିଲାମ ବାତିଲ କରିପାରିବେ ।

୬. ସର୍ବୋଚ୍ଚ ଦର/ମୂଲ୍ୟ ଅର୍ପଣ ବ୍ୟକ୍ତି ସମସ୍ତ ଟଙ୍କା ଦାଖଲ କଲାପରେ, ଅମାନତ ଟଙ୍କା ଫେରସ୍ତ ପାଇବେ।

୭. ନିଲାମ ସିଦ୍ଧ ହୋଇ କର୍ତୃପକ୍ଷଙ୍କ ଦ୍ୱାରା ଦୃଢୀକରଣ ହେବାପରେ, ସମ୍ପୃକ୍ତ ନିଲାମ ଗ୍ରହିତାଙ୍କୁ କାର୍ଯ୍ୟାଦେଶ ପ୍ରଦାନ କରାଯିବ ।

୮. ସମ୍ପୃକ୍ତ ନିଲାମ ଗ୍ରହିତା କେବଳ ଗଛରୁ ଫଳ ସଂଗ୍ରହ କରିବେ, ଗଛର କିମ୍ବା ସମ୍ପୃକ୍ତ ଭୂ-ସମ୍ପତିର କୌଣସି କ୍ଷତି କରିବେ ନାହିଁ । ଯଦି ଗଛର କିମ୍ବା ଭୂ-ସମ୍ପତିର କୌଣସି କ୍ଷତି ପରିଲିଖିତ ହୁଏ, ତେବେ ଦେୱାନୀ ଓ ଫୌଜଦାରୀ ଆଇନ ମୁତାବକ ଆବଶ୍ୟକୀୟ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ କର୍ତୃପକ୍ଷ ପଦକ୍ଷେପ ନେବେ ।

୯. ସୈରାତ ଉତ୍ସକୁ ଜୀବଜନ୍ତୁଙ୍କ ଠାରୁ ରକ୍ଷା ପାଇଁ ନିଲାମ ଗ୍ରହିତା ସମ୍ପୃକ୍ତ ଉତ୍ସକୁ ଅସ୍ଥାୟୀ ବାଡ ଦ୍ୱାରା ଆବଦ୍ଧ କରିପାରିବେ । ବାଡବନ୍ଦୀ କିମ୍ବା ଆବଦ୍ଧ କରିବା ପୂର୍ବରୁ ତାହାର ପ୍ରକ୍ରିୟା ବିଷୟରେ ସମସ୍ତ ବିବରଣୀ କର୍ତୃପକ୍ଷଙ୍କୁ ଆଗୁଆ ଜଣାଇବେ ।

୧୦. ନିଲାମରେ ଭାଗ ନେବା ପୂର୍ବରୁ ସମ୍ପୃକ୍ତ ଉତ୍ସକୁ ରାଜସ୍ୱ ନିରୀକ୍ଷକ ପାଇକତିଗିରିଆଙ୍କ ସହାୟତାରେ ସରଜମିନରେ ଦେଖି ପାରିବେ ଓ ନକ୍ସା ମଧ୍ୟ ଅବଲୋକନ କରିପାରିବେ । ସମସ୍ତ ତନଖି କରିବା ପରେ ଆବେଦନକାରୀ ସୈରାତ ଉତ୍ସ ସମ୍ପର୍କରେ ସମ୍ପୂର୍ଣ୍ଣ ସନ୍ତୋଷ ପ୍ରକାଶ କଲେ ନିଲାମରେ ଭାଗ ନେଇ ପାରିବେ ।

୧୧. ପରବର୍ତ୍ତୀ ସମୟରେ ସୈରାତ ଉତ୍ସ ତଥା ଗମନାଗମନ ବାବଦରେ କୌଣସି ଅଭିଯୋଗ ଶୁଣାଯିବ ନାହିଁ ।

୧୨. ଏହି ନିଲାମର ସବିଶେଷ ବିବରଣୀ ଓ ନିୟମାବଳୀ www.khordha.nic.in ରେ ଉପଲବ୍ଧ ଅଟେ । ଏଣୁ ଇଚ୍ଛୁକ ବ୍ୟକ୍ତି ବିଶେଷ ଓ ଅନୁଷ୍ଠାନ ନିଜ ନିଜର ଆବେଦନ ଜଉମୁଦ ଲଫାପା ନିମ୍ନ ସ୍ୱାକ୍ଷରକାରୀଙ୍କ କାର୍ଯ୍ୟାଳୟ ରେ କାର୍ଯ୍ୟ ଘଟିକା ଦିବସରେ ତା- ୩୦.୦୧.୨୦୧୯ ରୁ ୧୪.୦୨.୨୦୧୯ ରିଖ ଅପରାହ୍ନ ୫ ଘଟିକା ମଧ୍ୟରେ ତହସିଲ କାର୍ଯ୍ୟାଳୟ ରେ ଥିବା ମୁଦ୍ରିତ ଟେଣ୍ଡର ବାକ୍ସ (sealed tender box) ରେ ଦାଖଲ କରିବେ ।

୧୩. ଧାର୍ଯ୍ୟ ସମୟ ମଧ୍ୟରେ ଆବେଦନ ପତ୍ର ଗୁଡିକୁ ମୁଦ୍ରିତ ଲଫାପା ମାଧ୍ୟମରେ ରେଜେଷ୍ଟ୍ରି ଡାକ/ସ୍ପୀଡ୍ ପୋଷ୍ଟ ଦ୍ୱାରା ମଧ୍ୟ ଗ୍ରହଣ କରାଯିବ ।

୧୪. ଧାର୍ଯ୍ୟ ତାରିଖ ପରେ କୌଣସି ଦରଖାସ୍ତ ଗ୍ରହଣ କିମ୍ବା କୌଣସି ଆପତ୍ତି ଅଭିଯୋଗ ଶୁଣାଯିବ ନାହିଁ ।

## ସୈରାତ ଉତ୍ସର ବିବରଣୀ :-କାଜୁଫଳ ନିଲାମ

**ମୌଜା: ଗୌଡପୁଟ**

| | | | |
|---|---|---|---|
| ଖାତା: ୨୧୨(ରକ୍ଷିତ) | ପ୍ଲଟ: ୯୪୦ | କିସମ: ବଗାୟତ ଦୁଇ | ରକବା: ଏ୪.୭୬୦ଡି |
| | ପ୍ଲଟ: ୯୪୪ | କିସମ: ଗୋଚର | ରକବା: ଏ ୭.୮୦୦ଡି |
| | ପ୍ଲଟ: ୯୪୬ | କିସମ: ଗୋଚର | ରକବା: ଏ ୬.୯୮୦ଡି |
| | | | ମୋଟ ରକବା: ଏ ୧୯.୫୪୦ଡି |

**ବି : ଦ୍ର:- ସୈରାତ ଉତ୍ସର ସର୍ବନିମ୍ନ ମୂଲ୍ୟ: ଟ ୧,୫୦,୦୦୦**

ତହସିଲଦାର ଖୋର୍ଦ୍ଧା
TAHASILDAR
KHORDHA

ଏହାର ନକଲ ସଂପୃକ୍ତ ମୌଜା: ଗୌଡପୁଟ/ଗ୍ରାମ ପଞ୍ଚାୟତ: ବରସାହିଙ୍କ କାର୍ଯ୍ୟାଳୟ ନୋଟିସ ବୋର୍ଡ/ ପଞ୍ଚାୟତ ସମିତ କାର୍ଯ୍ୟାଳୟ: ଖୋର୍ଦ୍ଧାଙ୍କ ନୋଟିସ ବୋର୍ଡ/ ରାଜସ୍ୱ ନିରୀକ୍ଷକ କାର୍ଯ୍ୟାଳୟ ପାଇକତିଗିରିଆଙ୍କ ନୋଟିସ ବୋର୍ଡ/ତହସିଲ କାର୍ଯ୍ୟାଳୟ ନୋଟିସ ବୋର୍ଡ/ ଉପଜିଲ୍ଲାପାଳ ଖୋର୍ଦ୍ଧା କାର୍ଯ୍ୟାଳୟ ନୋଟିସ ବୋର୍ଡ/ଜିଲ୍ଲାପାଳାଙ୍କ କାର୍ଯ୍ୟାଳୟ ନୋଟିସ ବୋର୍ଡର ଅବଗତ ନିମନ୍ତେ ସଲଗ୍ନ କରାଗଲା । ଏଥି ସହିତ ଖୋର୍ଦ୍ଧା ଜିଲ୍ଲା website-www.khordha.nic.in ରେ ସର୍ବସାଧାରଣଙ୍କ ଅବଗତି ନିମନ୍ତେ ପ୍ରେରଣା କରାଗଲା ।

ତହସିଲଦାର ଖୋର୍ଦ୍ଧା
TAHASILDAR
KHORDHA

# ଆବେଦନ ଫର୍ମ

୧. ସୈରାତ ଉତ୍ସର ନାମ...........................................................ଓ କେଶ ନମ୍ବର.....................

୨. ସୈରାତ ଉତ୍ସର ତଫସିଲ ବୃତ୍ତି................. ମୌଜା.......... ଖାତା.............ପ୍ଲଟ .............
କିସମ...........ରକବା............. ।

୩. ଅବେଦନକାରୀଙ୍କ ନାମ ଓ ଠିକଣା, ମୋବାଇଲ ନମ୍ବର, ପରିଚୟ ପତ୍ରର ନକଲ ପ୍ରଦାନ କରିବେ ।

୪. ସମ୍ପୃକ୍ତ ସୈରାତ ଉତ୍ସର ଅର୍ପିତ ସମ୍ପୂର୍ଣ ଧାର୍ଯ୍ୟ ମୂଲ୍ୟ ଚୟନ ହେଲା ପରେ ୭ ଦିନ ମଧ୍ୟରେ ସମସ୍ତ ଟଙ୍କାର ବ୍ୟାଙ୍କଡ୍ରାଫ୍ଟ (Bank Draft) ତହସିଲଦାର ଖୋର୍ଦ୍ଧା ଙ୍କ ସପକ୍ଷରେ ଦାଖଲ କରିବେ କି ନାହିଁ । ହଁ /ନାଁ

୫. ଚଳିତ ଆର୍ଥିକ ବର୍ଷ ପର୍ଯ୍ୟନ୍ତ ଅବେଦନକାରୀ ସମ୍ପୂର୍ଣ ଆୟକର ମୁକ୍ତ ଏବଂ ଏହି ସମ୍ପର୍କୀୟ ସୈରାତରେ କୌଣସି ବକେୟା ଦେୟ ପଇଠ କରିବାକୁ ବାକି ଅଛି କି ନାହିଁ ସେହି ସମ୍ପର୍କରେ ସତ୍ୟପାଠ ଏଥି ସହିତ ସଲଗ୍ନ କରିଛନ୍ତି କି ନାହିଁ . ହଁ/ନା

୬. ଅମାନତ ଦାଖଲ କରିଥିବା ବ୍ୟାଙ୍କଡ୍ରାଫ୍ଟ (Bank Draft) ର ସମ୍ପୂର୍ଣ ବିବରଣୀ ।

**ଦରଖାସ୍ତକାରୀଙ୍କ ସ୍ୱାକ୍ଷର ଓ ତାରିଖ**